# ସ୍ୱାସ୍ଥ୍ୟ ଅଧିକାର ଓ ମାଗଣା ଔଷଧର ସୁବିଧା ସମ୍ପର୍କରେ ଜନ ଶୁଣାଣୀ

ରାଜ୍ୟର ସ୍ୱାସ୍ଥ୍ୟ ଅବସ୍ଥାରେ  ଅନେକ ବିକାଶ ହେବାର ଅଛି । ଭିତିଭୂମିର ଅଭାବ, ବିଭିନ୍ନ ଆଇନର କାର୍ଯ୍ୟକାରିତାରେ ଅବହେଳା, ଚିକିତ୍ସା ଅବହେଳା, ବ୍ୟବସ୍ଥା ଭିତିକ ତ୍ରୁଟି ଆଦି ସମ୍ପର୍କରେ ଭୁବନେଶ୍ୱରରେ ଏକ ଜନ ଶୁଣାଣୀର ଆୟୋଜନ ହୋଇଛି । ଜନ ସ୍ୱାସ୍ଥ୍ୟ ଅଭିଯାନ, ପ୍ରୟାସ, ସିଭିଲ୍ ସୋସାଇଟି ଫୋରମ ଅନ ହ୍ୟୁମାନ୍ ରାଇଟ୍ସ, ବିଜିଭିଏସ୍, ସିସିଡବଲ୍ୟୁଡି ପକ୍ଷରୁ ହୋଇଥିବା ଏହି ଜନ ଶୁଣାଣୀରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଉମାଚରଣ ମିଶ୍ର, ଜନ ସ୍ୱାସ୍ଥ୍ୟ ଅଭିଯାନର ଅଭିଯାନର ରାଷ୍ଟ୍ରୀୟ ଯୁଗ୍ମ ଆବାହକ ଡ. ନରେନ୍ଦ୍ର ଗୁପ୍ତା ଓ ମୀରା ଶିବା, ସାମ୍ବାଦିକ ବାସୁଦେବ ମହାପାତ୍ର, ଅବସରପ୍ରାପ୍ତ ଆଇଏଏସ୍ ଅରବିନ୍ଦ ବେହେରା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ ।

ଏହି ଜନଶୁଣାଣୀରେ ନିକଟରେ ହୋଇଥିବା ସମ ହସ୍ପିଟାଲ୍ ଅଗ୍ନିକାଣ୍ଡର କେତେକ ପୀଡିତ ଆସି ସେମାନଙ୍କର ଅଭିଯୋଗ ରଖିଥିଲେ । ରାଜ୍ୟରେ କିଭଳି ଭାବେ କ୍ଲିନିକାଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ୍ ଆକ୍ଟ କାମ କରୁନାହିଁ ଓ ଏହି ଆଇନ କିଭଳି ଭାବେ ଠିକ୍ ଭାବେ ପ୍ରସ୍ତୁତ ହୋଇନାହିଁ, ତାହା ମଧ୍ୟ ବିଚାରକ ମଣ୍ଡଳୀ ଆଗରେ ରଖାଯାଇଥିଲା । ନଗଡାରେ ଅପପୁଷ୍ଟିରେ ଶିଶୁ ମୃତ୍ୟୁ, ଶବ ବୋହିବାକୁ ଗାଡି ନମିଳିବାରୁ ଦାନ ମାଝୀ ନିଜ ସ୍ତ୍ରୀକୁ କାନ୍ଧରେ ବୋହିବା ଘଟଣା ଆଦିରେ ବିଭାଗୀୟ ଅବହେଳା ସମ୍ପର୍କରେ ଜୁରିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେହିପରି ମାଗଣାରେ ଔଷଧ ଯୋଗାଇବାର ଯୋଜନା ନିରାମୟର କାର୍ଯ୍ୟକାରିତାରେ ତ୍ରୁଟିକୁ ନେଇ ବିଭିନ୍ନ ଜିଲ୍ଲାରୁ ରୋଗୀମାନେ ସେମାନଙ୍କ ଅଭିଯୋଗ ବାଢିଥିଲେ । ଓଡିଶାରେ ଫାର୍ମାକଲୋଜି କ୍ଷେତ୍ରର ସ୍ଥିତି ସମ୍ପର୍କରେ ମଧ୍ୟ ଜୁରୀ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା । ଶେଷରେ ଜୁରି ସଦସ୍ୟମାନେ ସେମାନଙ୍କ ପ୍ରସ୍ତାବ ଓ ମତାମତ ଶୁଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ଗୌରାଙ୍ଗ ମହାପାତ୍ର, ଧୀରେନ୍ଦ୍ର ପଣ୍ଡା, ଗ୍ଲୋରିନ୍ ମହାନ୍ତି, ଉଷାରାଣୀ ବେହେରା, ଅଖଣ୍ଡ, ବିଜୟଲକ୍ଷ୍ମୀ ରାଉତରାୟ, ପ୍ରିୟବ୍ରତ ସାଇଁ ପ୍ରମୁଖ ପରିଚାଳନା କରିଥିଲେ ।